# କବନ୍ଧର କବିତା

କବି ରଘୁନାଥ ଦାସ

ଆମ କାମ ତାଙ୍କ ହାତମୁଠା ଟାଣ କରିବା,

ଚାଲ ଆମେ ତାଙ୍କ ହାତମୁଠା ଠାଣ କରିବା ।

ତାଙ୍କ ହାତମୁଠା ଟାଣ କର,

ତାଙ୍କ ବିଂଶବାହୁ ମଜବୁତ୍ କର;

ତାଙ୍କ ବିଂଶବାହୁ ମଜବୁତ୍ ହଉ,

ତାଙ୍କ କାର୍ଯ୍ୟକ୍ରମ ଆମ କର୍ମ ହେଉ,

ବିଂଶଦଫା ଆମ ଧର୍ମ ହେଉ ।୧ ।

ଆମେ ସ୍ବାଧୀନ ହେଲୁ ତାଙ୍କ ଲାଗି

ସ୍ଲୋଗାନ ଦିଅ ଜୟହିନ୍ଦ୍ ।

ଆମେ ଗଣତନ୍ତ୍ର ପାଇଛୁ ତାଙ୍କ ଲାଗି;

ସ୍ଲୋଗାନ ଦିଅ ଜୟହିନ୍ଦ୍ ।

ଆମ ସମ୍ବିଧାନ ଗଢ଼ା ତାଙ୍କ ଲାଗି;

ସ୍ଲୋଗାନ ଦିଅ ଜୟହିନ୍ଦ୍ ।୨ ।

ତାଙ୍କ ଲାଗି ରାମରାଜ୍ୟ ଆରେ ଆସିଲା;

ତାଙ୍କ ଲାଗି ଘିଅ ମହୁ କେତେ ତ ଭାସିଲା;



www.jatayu.org

# କବନ୍ଧର କବିତା

କବି ରଘୁନାଥ ଦାସ

ତାଙ୍କ ଲାଗି କଳକାରଖାନା ବସିଲା;

ତାଙ୍କ ଲାଗି ସବୁଜ ଖେତ ତ ହସିଲା;

କୀର୍ତ୍ତନିଆ ଭାଇ ବୋଲରେ ବୋଲ,

ପିଟରେ ଗିନି, କରତାଳି ଦେଇ

ପିଟ୍ ତୋ ଖୋଳ;

କୀର୍ତ୍ତନିଆ ଭାଇ ବୋଲରେ ବୋଲ ।୩ ।

'ଗରିବୀ ହଟାଓ' ଆହା କି ମଧୁରବାଣୀ!

ଆମେ ଗରିବଙ୍କ ଲାଗି-

ତାଙ୍କର କି ଦରଦ,

କି ମେହରବାନି!

ଗରିବୀ ହଟିବ ଭାଇ, ଗରିବୀ ହଟାଓ,

ଗରିବୀ ହଟିବ ନିଶ୍ଚେ, ଗରିବୀ ହଟିବ,

ଗରିବୀ ହଟୁଛି ଜାଣ, ଗରିବୀ ହଟୁଛି,

ଗରିବୀ ଯାଇଛି ହଟି, ଗରିବୀ ହଟିଛି ।୪ ।

www.jataayu.org

Powered by Tekons

# କବନ୍ଧର କବିତା

କବି ରଘୁନାଥ ଦାସ

ଗଣତନ୍ତ୍ର ଚାଲୁହେଲା ବିଲ୍‌କୁଲ୍ କଞ୍ଚା;

ଦି' ବୋତଲ ଦେଶୀମାଲ୍-ଆଉ ଦୁଇ ଟଙ୍କା ଅଣ୍ଟା ଗୁଞ୍ଜା;

ସମାଜବାଦ ଲାଗିରେ ଭାଇ ସମାଜବାଦୀ ଢ଼ାଞ୍ଚା

ତେଲ ଲୁଣ ପାଇଁ କି ଆଇନ ହେଲା ଖଞ୍ଜା,

ଢ଼ୋଲକି ବଜାରେ, ଢ଼ୋଲକି ବଜାରେ ଭାଇ,

ଢ଼ୋଲକି ବଜା ।୫ ।

ବନ୍ଦକର ପ୍ରଜନନ- ବନ୍ଦକର ପ୍ରଜନନ

ପ୍ରଜନନ ଲାଗି ଦେଶସାରା ହୁରିପଡେ,

ହା ଅନ୍ନ ହା ଅନ୍ନ;

ବନ୍ଦକର ପ୍ରଜନନ

ତ୍ରିକୋଣ ଯୋଜନା, ଚାହିଁ ମିତ ତ୍ରିକୋଣୀ

ଯୋଜନା, ଆହା ଆହା-

ଚାଲ ତାକୁ ମଲ୍ଲୀମାଳେ କରିବା ବନ୍ଦନା;

ସେ ବନ୍ଦନାରେ ନିହିତ ଯେ ତୋର ସମୃଦ୍ଧି

ପେଗେ ରସ ଲୋଡା ଭାଇ,

କରିନିଅ ଆଗେ ଚିତ୍ତଶୁଦ୍ଧି- ।୬ ।

www.jataayu.org

# କବନ୍ଧର କବିତା

କବି ରଘୁନାଥ ଦାସ

ଦ୍ରାବିଡ ଉତ୍କଳ ବଂଗ,

ଚାଲ ଆମେ ଗଢ଼ବା-ସ୍ବାଗତିକା ସଂଘ;

ସ୍ବାଗତ କରିବା ଆମେ ପୂର୍ବେ ଓ ପଶ୍ଚିମେ

ପଞ୍ଜାବେ ଆସାମେ

ଦକ୍ଷିଣେ ଓ ବାମେ;

ସ୍ବାଗତ କରିବା ତାଙ୍କ ବଚନ ଓ ବାଣୀ,

କହିବାର ଠାଣୀ ଏବଂ ନିର୍ବାକ୍ ଚାହାଣୀ ।

ସ୍ବାଗତ କରିବା

ତାଙ୍କ ସଙ୍ଗ,

ତାଙ୍କ ଅଙ୍ଗ,

ତାଙ୍କ ଢ଼ଙ୍ଗ,

ଗଢ଼ିବା ଚାଲ ସ୍ବାଗତିକା ସଂଘ ।

ଦେବାରେ ସ୍ଲୋଗାନ୍:

ତୁମେ ସର୍ବଶକ୍ତିମାନ,

www.jatayu.org

# କବନ୍ଧର କବିତା

କବି ରଘୁନାଥ ଦାସ

ତୁମେ ଜଗଦୀଶ୍ବର,

ତୁମେ ହେ ମହାନ୍,

ସ୍ବୟଂ ଭଗବାନ୍ ।

ଆମେ ତ କବନ୍ଧ

କରୁ ଜୟଗାନ:

ଜନ-ଗଣ-ମନ-ଅଧିନାୟକ ଜୟ ହେ,

ଜୟ ହେ ଜୟ ହେ ଜୟ ହେ

ଜୟ ଜୟ ଜୟ ଜୟ ହେ ।୭ ।

www.jatayu.org